# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୨୩ ଫେବୃଆରୀ ୨୦୨୬

----

[ଅର୍ଥ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ - ସଂସଦୀୟ ବ୍ୟାପାର - ସ୍ୱରାଷ୍ଟ୍ର - ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ମୁଖ୍ୟମନ୍ତ୍ରୀ ].

ମୋଟ ପ୍ରଶ୍ନର ସଂଖ୍ୟା 31

----

### Considered for the STPI centre

***16 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. reply why Kalahandi is not so far being considered for the STPI centre establishment despite letter to the Govt. and assembly questions raised in the last two sessions, what steps are being actively taken or considered so far ?

----

### ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କ ଦ୍ୱାରା ଜମାରାଶି ସଂଗ୍ରହ

***121 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ରାଷ୍ଟ୍ରାୟତ, ଘରୋଇ, ସମବାୟ ବ୍ୟାଙ୍କ ତରଫରୁ ବିଗତ ତିନି ବର୍ଷରେ କେତେ ଜମାରାଶି ଗ୍ରହଣ ହୋଇଥିବା ବେଳେ କେତେ ଋଣ ଲଗାଣ ହୋଇଛି ; ଏହି ଋଣ ମଧ୍ୟରୁ କେତେ କୃଷି, ଶିକ୍ଷା, ଆତ୍ମନିଯୁକ୍ତି ଋଣ ଓ ଶିଳ୍ପାୟନ ଋଣ ଅଛି ପ୍ରକାଶ କରି ବ୍ୟାଙ୍କମାନଙ୍କ ତରଫରୁ ଅଧିକ ଋଣ ଲଗାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ୧୦୮ ଆମ୍ବୁଲାନ୍ସ ଦ୍ୱାରା ରୋଗୀ ପରିବହନ

*122 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ରୋଗୀ ପରିବହନ ପାଇଁ କେତୋଟି ୧୦୮ ଆମ୍ବୁଲାନ୍ସ ମୁତୟନ ହୋଇଛି ଏହି ଆମ୍ବୁଲାନ୍ସ ଗୁଡ଼ିକ ଗତ ୨ ବର୍ଷ ମଧ୍ୟରେ କେଉଁ ଜିଲ୍ଲାରେ କେତେ ରୋଗୀ ପରିବହନ କରିଛନ୍ତି ଏବଂ ସେମାନଙ୍କୁ ଏ ବାବଦରେ କେତେ ପାଉଣା ଦିଆଯାଇଛି ତାହାର ଏକ ତାଲିକା ପ୍ରଦାନ କରିବେ କି ;ଏହିସବୁ ଆମ୍ବୁଲାନ୍ସରେ କେତେ ଜଣ କେଉଁ ଶ୍ରେଣୀର କର୍ମଚାରୀ କାର୍ଯ୍ୟ କରୁଛନ୍ତି ଓ ସେମାନଙ୍କର ମାସିକ ପାଉଣା କେତେ ?

----

## RA Scheme ମାଧ୍ୟମରେ ନିଯୁକ୍ତି

*123 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ପଦବୀ ଖାଲିପଡିଥିବା ସ୍ଥଳେ ନବ ନିଯୁକ୍ତି ନିମନ୍ତେ ଠାରେ ସବୁଦିଗରୁ ଦାବୀ ଆସୁଥିବା ସମୟରେ Rehabilitation Assistance Scheme ମାଧ୍ୟମରେ ନିଯୁକ୍ତିକୁ ତା. 18.02.2020 ରିଖ ଠାରୁ ଅଦ୍ୟାବଧି ଥିବା ଦିବଂଗତ ପରିବାର ସଦସ୍ୟଙ୍କୁ RAS Rule-1990 ଅନୁଯାୟୀ ପୂରଣ କରିବା ନିମନ୍ତେ ନିକଟରେ ଦୃଢ ଦାବୀ ଉପସ୍ଥାପନ କରି କେବେ ସୁଦ୍ଧା Cabinet ମାଧ୍ୟମରେ ପ୍ରସ୍ତାବ କୁ ଅନୁମୋଦନ କରି ନୋଟିଫିକେସନ ଜାରିକରିଛନ୍ତି ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି ?

----

## Collectors and other administrative official dealings with Members

*124 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସଂସଦୀୟ ବ୍ୟାପାର** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government has taken note of the Office Memorandum dated 12.01.2026 issued by the Government of India laying down consolidated guidelines on official dealings with Members of Parliament and State Legislatures; (b) whether a similar communication or circular will be issued by the State Government to all Departments, Collectors and other administrative authorities for official dealings with the Members of the Odisha Legislative Assembly and if so, the timeline for issuing such instructions and steps taken to ensure the same ?

----

## ବିଦେଶୀ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୋଲିସ ଥାନା ପ୍ରତିଷ୍ଠା

*125 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶାର 'ହୀରକ ତ୍ରିଭୁଜ' ଭାବେ ଖ୍ୟାତ ଉଦୟଗିରି, ଲଳିତଗିରି ଓ ରତ୍ନଗିରି ବୌଦ୍ଧ କୀର୍ତ୍ତିରାଜି UNESCO ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି ଓ ସ୍ୱୀକୃତି ଅପେକ୍ଷାରେ, ଏଠାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହାର କ୍ରମାଗତ ଭାବେ ବୃଦ୍ଧି ପାଉଛି, ବିଦେଶୀ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଶୃଙ୍ଖଳିତ ପର୍ଯ୍ୟଟନକୁ ଦୃଷ୍ଟିରେ ରଖି ଉଦୟଗିରି ଠାରେ ଏକ ସ୍ୱତନ୍ତ୍ର ପୋଲିସ ଥାନା ପ୍ରତିଷ୍ଠା କରିବାକୁ ପଦକ୍ଷେପ ନେବେ କି ?

----

**BSNL Mobile Tower କୁ ସଜାଡିବା**

***126 ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୋରଡା ନିର୍ବାଚନ ମଣ୍ଡଳୀରେ କେତେକ BSNL Tower ଅଛି ସେଗୁଡିକ କାମ କରୁନାହିଁ ଏବଂ ଆଉ କେତେକ ଉପାନ୍ତ ଅଞ୍ଚଳରେ ଆଦୌ Mobile Tower ନାହିଁ ଉପାନ୍ତ ଅଞ୍ଚଳକୁ BSNL Network ପହଞ୍ଚାଇବା ଏବଂ ଖରାପ ହୋଇଥିବା BSNL Mobile Tower କୁ ସଜାଡି ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବେ କି ?

----

**GST ଦ୍ୱାରା କେନ୍ଦ୍ରଠାରୁ ମିଳିଥିବା ଅର୍ଥ**

***127 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜି.ଏସ.ଟି ପ୍ରଚଳନ ପରଠାରୁ ରାଜ୍ୟ ସରକାର ରାଜସ୍ୱ କ୍ଷତିପୂରଣ ବାବଦକୁ କେତେ ପରିମାଣର ଅର୍ଥ କେନ୍ଦ୍ର ସରକାରଙ୍କ ଠାରୁ ପାଇଛନ୍ତି, ବାକିଥିବା ଅର୍ଥ ପାଇବା ପାଇଁ କେନ୍ଦ୍ର ସରକାର କି ସମୟସୀମା ଧାର୍ଯ୍ୟ ରଖିଛନ୍ତି ଜଣାଇବେ କି ?

----

**Funds allotted for the development of health care infrastructures**

***128 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How much of funds have been allotted in Birmitrapur Assembly Constituency for the development of health care infrastructures all Sources/schemes in the year 2024-2025 till date (04-02-2026) ?

----

**କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଖାଲିରହିଥିବା ଅଭିଯୋଗ**

***129 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଜିଲ୍ଲାପାଳଙ୍କ ନିକଟରେ, ଜିଲ୍ଲା ସ୍ତରୀୟ ଅଦାଲତରେ ଠିକ୍/ଉଚିତ/ନ୍ୟାୟ ନ ପାଇବା, Procedural lapse/omission, fundamental right to proper justice କାରଣ ଦର୍ଶାଇ/ଆଧାରରେ କେଉଁ ସବୁ ଅଭିଯୋଗ ପଡି ରହିଛି ତଥା ଜିଲ୍ଲାପାଳ DLSA କୁ ମତାମତ ଲୋଡିବା ପରି କେତେ କେସ/ଗ୍ରିଭନ୍ସ ର ସମାଧାନ ହୋଇଛି ଓ କେତେ ବାକି ରହିଛି, ଗତ 3 ବର୍ଷର ମାସ ୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ଜିଲ୍ଲା ସ୍ତରରେ କେଉଁ ପଦବୀ ମାନଙ୍କର ମାଜିଷ୍ଟ୍ରେଟ power ରହିଛି, ତା ଅନ୍ତର୍ଗତ କି ପ୍ରକାର ବିଶେଷ ଅଧିକାର ମିଳେ, ତାର ଅବଧି କେତେ, ଯଥା ସମ୍ଭବ ଏହି ଉଦ୍ଦେଶ୍ୟରେ ଥିବା guidelines, order, act ତଥ୍ୟ ପ୍ରଦାନ କରିବେ କି ?

----

## ନୂତନ Police outpost ସ୍ଥାପନ

*130 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସିମୁଳିଆ ନିର୍ବାଚନ ମଣ୍ଡଳୀର ଖଇରା ବ୍ଲକ ଅର୍ନ୍ତଗତ ତୁଡିଗଡିଆ ଓ ସିମୁଳିଆ ବ୍ଲକ ଅନ୍ତର୍ଗତ ବାଲିଖଣ୍ଡ ଠାରେ ଦୁଇଟି Police outpost ସ୍ଥାପନ ପାଇଁ ଚଳିତ ବର୍ଷ ପ୍ରସ୍ତାବ ଅଛି କି, ବିଶେଷ କରି ସିମୁଳିଆ ବ୍ଲକ ନିକଟରେ NAC ଘୋଷଣା ହେଉଥିବା ସ୍ଥଳେ ସିମୁଳିଆ ଠାରୁ ବାଲିଖଣ୍ଡ 25 KM ଦୂରତା ହେଉଥିବାରୁ ଆଇଇ ଶୃଙ୍ଖଳା ବ୍ୟାଘାତ ଓ ସାଧାରଣ ଜନସାଧାରଣ ଲୋକଙ୍କର ଧନଜୀବନ ସୁରକ୍ଷାରେ ବହୁତ ଅସୁବିଧା ସୃଷ୍ଟି ହେଉଛି, ଏଣୁ ତୁରନ୍ତ ଦୁଇଟି ସ୍ଥାନରେ Police out post ସ୍ଥାପନ କରିବେ କି ?

----

## Establish of IT Park in Balangir

*131 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (1) Will the Government provide details of initiatives to establish IT parks, technology hubs, and digital infrastructure in Balangir district, including funds allocated, timelines, and expected benefits for local youth and businesses; (2) Can the Government provide information on digital literacy initiatives conducted in Balangir district, including the number of citizens trained, target groups, and financial support provided for these programs; Will the Government furnish details of steps taken to expand e-governance services in Balangir district, including online services for citizens, public grievance redressal portals, and digital service centers?

----

## ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା

*132 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଅଦ୍ୟାବଧି କେଉଁ କେଉଁ ବ୍ଲକରେ କେଉଁ କେଉଁ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା ଅପହଞ୍ଚ ଥିବାରୁ ଲୋକମାନେ ତ୍ୱରିତ ସେବା ପାଇବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ?

----

## ଓଡ଼ିଶାରେ ଥିବା Burning ICU

*133 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କେତୋଟି Burning ICU ଅଛି ଓ କେଉଁ କେଉଁ ମେଡ଼ିକାଲରେ ଅଛି , Burning ICU ବଢ଼େଇବା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ତାଙ୍କ ପରିବାର ବର୍ଗକୁ ଚାକିରି ଦେବା

*134 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୌଣସି ସରକାରୀ କର୍ମଚାରୀ ଚାକିରି କାଳ ମଧ୍ୟରେ ମୃତ୍ୟୁବରଣ କଲେ ସେମାନଙ୍କ ପରିବାର ବର୍ଗଙ୍କ ମଧ୍ୟରୁ ଜଣକୁ ସରକାରୀ ଚାକିରି ଦେବା ପାଇଁ ସରକାରଙ୍କ ବର୍ତ୍ତମାନ ପ୍ରଚଳିତ ଥଇଥାନ ଯୋଜନା (Rehabilitation Assistance Scheme) Rules, 2020 ନିୟମ ପରିବର୍ତ୍ତେ (Rehabilitation Assistance Scheme) Rules, ୧୯୯୦ ମସିହାରେ ସମ୍ପୃକ୍ତ ବିଭାଗ ଦ୍ୱାରା ନିର୍ଗମିତ ହୋଇଥିବା ପୁରୁଣା ସର୍କୁଲାର/ନିୟମକୁ କାର୍ଯ୍ୟକାରୀ କରି ନିଯୁକ୍ତି ଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲାବେଳେ ବର୍ତ୍ତମାନ ତାହା କାର୍ଯ୍ୟକାରୀ ହେଉଅଛି କି ନାହିଁ ; ଯଦି ହୋଇଥାଏ, ତେବେ ଅଦ୍ୟାବଧି କେତେଜଣ ସରକାରୀ କର୍ମଚାରୀ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ ପରେ ସେମାନଙ୍କ ପରିବାର ବର୍ଗଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ପ୍ରଦାନ କରାଯାଇଛି?

----

## ମାହାଲହାଟ ଫାଣ୍ଡିକୁ ଥାନାରେ ପରିଣତ

*135 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ମାହାଲହାଟ ଅଞ୍ଚଳରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ବାଣିଜ୍ୟିକ କାରବାରକୁ ଦୃଷ୍ଟିରେ ରଖି ମାହାଲହାଟ ଫାଣ୍ଡିକୁ ଏକ ପୂର୍ଣ୍ଣାଙ୍ଗ ଥାନା (Police Station) ଭାବେ ଉନ୍ନତିକରଣ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, ଏହି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ କର୍ମଚାରୀ ନିଯୁକ୍ତି ଏବଂ ସ୍ୱତନ୍ତ୍ର ପାଟ୍ରୋଲିଂ ବ୍ୟବସ୍ଥା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଗ୍ରାମ ପଞ୍ଚାୟତଙ୍କୁ mobile ସେବା ଯୋଗାଇବା

***136 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତକୁ ଆଜି ସୁଦ୍ଧା ମୋବାଇଲ ସେବା ଯୋଗାଯାଇପାରି ନାହିଁ ଓ କେତେକ ଜାଗାରେ JIO କମ୍ପାନୀ ତରଫରୁ ବସାଯାଇଥିବା ଟାୱାରରୁ କେବଳ ଭଏସ କଲ ସୁବିଧା ମିଳୁଥିବା ବେଳେ ଡାଟାର ସୁବିଧା ନଥାଇ ବି ଉପଭୋକ୍ତା ଡାଟା ପାଇଁ ଚାର୍ଜ ଦେବାକୁ ବାଧ୍ୟ ହେଉଛନ୍ତି; ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଏହି ସମସ୍ୟା କେବେ ସୁଦ୍ଧା ସମାଧାନ ହେବ ଓ ସମସ୍ତ ଗ୍ରାମକୁ କେବେ ସୁଦ୍ଧା ଡ଼ାଟା ସହ ଭଏସ କଲର ସୁବିଧା ପ୍ରଦାନ କରାଯାଇ ପାରିବ ?

----

## ଓଡିଶାକୁ ମିଳିଥିବା କେନ୍ଦ୍ରୀୟ ଅନୁଦାନ

***137 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଷୋଡ଼ଶ ଅର୍ଥ ଆୟୋଗ ସୁପାରିଶ ଆଧାରରେ ଓଡିଶାକୁ କେନ୍ଦ୍ରୀୟ ଅନୁଦାନ କେତେ ମିଳିଛି ; ଏହି ଅନୁଦାନ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଡେଙ୍ଗୁ ଓ ମେଲେରିଆ ରୋଗୀ ଚିହ୍ନଟ

***138 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ଗତ ୫ବର୍ଷରେ କେତେ ଜଣ ମେଲେରିଆ ଏବଂ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ କରାଯାଇଛି, ସେମାନଙ୍କ ମଧ୍ୟରୁ ସରକାରୀ ଏବଂ ବେସରକାରୀ ଚିକିତ୍ସାଳୟରେ କେତେ ଚିହ୍ନଟ କରାଯାଇଛି,ବିଭିନ୍ନ ସ୍କୁଲର ଛାତ୍ରାବାସରେ ରହୁଥିବା ଅନ୍ତେବାସୀଙ୍କ ଠାରେ ଡେଙ୍ଗୁ ଓ ମେଲେରିଆ କେତେ ଜଣଙ୍କ ଚିହ୍ନଟ କରାଯାଇଛି, ଜିଲ୍ଲାରେ ଗତ ପାଞ୍ଚ ବର୍ଷରେ କେଉଁ କାରଣରୁ କେତେ ଜଣଙ୍କର ମୃତ୍ୟୁ ଘଟିଛି, ସେଥି ମଧ୍ୟରୁ ମେଲେରିଆ ଏବଂ ଡେଙ୍ଗୁ ଜନୀତ ମୃତ୍ୟୁ ସଂଖ୍ୟା କେତେ ଉପସ୍ଥାପନ କରିବେ କି ?

----

## Outsourcing କର୍ମଚାରୀ ସମସ୍ୟାର ସମାଧାନ

***139 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେଇ ସେମାନଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସଙ୍କଟରୁ ରକ୍ଷାପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ କେତୋଟି ଆବେଦନପତ୍ର ଦାଖଲ ହୋଇଛି ;ସଂଘର କର୍ମକର୍ତ୍ତା ତଥା ଖୋଦ ଛଟେଇ କର୍ମଚାରୀ ଉଭୟଙ୍କ ଦ୍ୱାରା କେତୋଟି ଲେଖାଏଁ ଅଭିଯୋଗ ପତ୍ର ଦାଖଲ କରାଯାଇଛି ; ସେହି ଆବେଦନ ପତ୍ର ଗୁଡ଼ିକର ସୁବିଚାର କରି ସରକାର ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିଛନ୍ତି ତାର ଏକ ହିସାବ ପ୍ରଦାନ କରିବେ କି; (b) ଆନ୍ଦୋଳନରତ Outsourcing କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି କି; ଯଦି ହଁ କମିଟି ଏ ବିଷୟରେ କି ପ୍ରକାର ପଦକ୍ଷେପ ନେଇ କେତେଜଣଙ୍କୁ ପୁନଃ ନିଯୁକ୍ତିପାଇଁ ସୁପାରିଶ କରିଛନ୍ତି ?

----

## ଥାନା ଓ ଫାଣ୍ଡି ଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ବ୍ୟବସ୍ଥା

***140 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମାଓ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାରେ କେଉଁ କେଉଁ ଥାନା ଓ ଫାଣ୍ଡି ଗୁଡିକରେ ଅତୀତରେ ଉନ୍ନତ ଭିତ୍ତିଭୂମି ନିର୍ମାଣ ହୋଇଥିଲା ; ପ୍ରତ୍ୟେକଟିରେ କେତେ କେତେ ଅର୍ଥ ବିନିଯୋଗ ହୋଇ କେଉଁ କେଉଁ କାମ ହୋଇଥିଲାବେଳେ ସେଗୁଡ଼ିକରେ କେଉଁ କେଉଁ କାମ ବାକି ପଡ଼ିଛି କେବେ ତା'ର ନିର୍ମାଣ ହେବ ; ରାମଚନ୍ଦ୍ରପୁର ଥାନା ଭଳି ବାଦପଡିଥିବା ଅନ୍ୟ ଥାନା ଓ ଫାଣ୍ଡି ଗୁଡିକରେ ଭିଭିଭୂମି ଦୁର୍ବଳ ଥିବା ଦୃଷ୍ଟିରୁ ଏ ଗୁଡିକରେ ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ବ୍ୟବସ୍ଥା କରିବେ କି ; ଏ ଭଳି କେଉଁ ଥାନା, ଫାଣ୍ଡିରେ ସମତୁଲ୍ୟ ଭିତ୍ତିଭୂମି ନିର୍ମାଣ ହୋଇନାହିଁ ତା'ର ତାଲିକା ପ୍ରଦାନ କରିବେ କି ?

----

## E-office system କାର୍ଯ୍ୟକ୍ଷମ

***141 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ DHH ଓ Urban Health Centre ଗୁଡ଼ିକୁ Telemedicine & E-Health Records ସହିତ ସଂଯୋଗ କରିବା ପାଇଁ କେବେ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ ହେବ ଏବଂ Collectorate, Municipality, Tahasil ଓ Block Office ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକର E-Office System ଏଯାବତ୍ ୧୦୦% କାର୍ଯ୍ୟକ୍ଷମ ହୋଇନାହିଁ ଓ ସେଥିପାଇଁ କେବେ ସୁଦ୍ଧା ସରକାର କେବେ Paperless Office System କାର୍ଯ୍ୟାନ୍ୱୟ କରିବ; ଭଦ୍ରକ ସଦରର Smart City/Sadar Smart Initiativeର ଅନ୍ତର୍ଗତ Integrated Digital Command & Control Centre (ICCC) କେବେ ସ୍ଥାପନ କରାଯିବ?

----

## ମିଳିଥିବା ଅର୍ଥ ଖର୍ଚ୍ଚ ହେବା

***142 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେଉଁ କେଉଁ ବିଭାଗକୁ କେତେ ଅର୍ଥ ଯୋଗେଇ ଦେଇଥିଲେ ଏବଂ ଆଜି ପର୍ଯ୍ୟନ୍ତ ସେହି ବିଭାଗମାନେ ସେଇ ଅର୍ଥରୁ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି, ଏହା ଖର୍ଚ୍ଚର କେତେ ଶତାଂଶ ହେବ ଏହାର ବିଭାଗ ୱାରି ଗୋଟିଏ ତାଲିକା ପ୍ରଦାନ କରିବେ କି ?

----

## CHC ଓ PHC ର ଖାଲିଥିବା ଡାକ୍ତର ପଦବୀ ପୂରଣ

***143 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବିଭିନ୍ନ CHC, PHC ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କର କେତୋଟି ଡାକ୍ତର, ଫାର୍ମାସୀ ଓ ଅନ୍ୟାନ୍ୟ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡିଛି, ତାହାର ଏ ପର୍ଯ୍ୟନ୍ତ ପୂରଣ ନହେବାର କାରଣ କଣ ଓ ଏହା କେବେ ସୁଦ୍ଧା ପୂରଣ ହେବ ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ନିଯୁକ୍ତି ପରୀକ୍ଷାକୁ ରଦ୍ଦ କରିବା

***144 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଜୁନ୍ ୨୦୨୪ ପରଠାରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ବିଭାଗର କେଉଁ କେଉଁ ସେବାରେ କେତେ ସଂଖ୍ୟକ ନିଯୁକ୍ତି ଦିଆଯାଇଛି ଏବଂ ସେ ସମସ୍ତ ନିଯୁକ୍ତି ସକାଶେ ରାଜ୍ୟ ସରକାର କେତେ ପଦବୀ ପାଇଁ କେବେ ବିଜ୍ଞପ୍ତି ପ୍ରକାଶ କରିଥିଲେ, ତା'ର ଏକ ବିଭାଗ ଓ ସେବା ୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଜୁନ୍ ୨୦୨୪ ପରଠାରୁ ଆଜି ପର୍ଯ୍ୟନ୍ତ କେତେ ନିଯୁକ୍ତି ସକ୍ରାନ୍ତୀୟ ବିଜ୍ଞପ୍ତି/ ପରୀକ୍ଷାକୁ ରାଜ୍ୟ ସରକାର ରଦ୍ଦ କରିଛନ୍ତି, ତାହାର କାରଣ କ'ଣ ଦର୍ଶାଇ, ଏକ ବିଭାଗ ଓ ସେବା ୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଥାନାରେ ଥିବା ପଦବୀକୁ upgrade କରିବା

***145 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ବନ୍ଦର ଶିଳ୍ପାଞ୍ଚଳ ଏକ ସମ୍ବେଦନଶୀଳ ସହର ତଥା ଅନେକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କାରଖାନା କାର୍ଯ୍ୟକ୍ଷମ ଥିବାରୁ ସେଠାରେ ଅନେକ ସମୟରେ ଶାନ୍ତି ଶୃଙ୍ଖଳା ବ୍ୟାହତ ହେଉଥିବା ତଥା କର୍ମଚାରୀ ଆନ୍ଦୋଳନ ହେଉଥିବା କଥା ସରକାରଙ୍କ ନଜରକୁ ଆାସିଛି କି, ଯଦି ଆସିଥାଏ, ତେବେ ସେଠାରେ ଶାନ୍ତି ଶୃଙ୍ଖଳା ବଜାୟ ପାଇଁ ଉକ୍ତ ଥାନାର ୨୨୧ ପଦବୀକୁ upgrade କରି ସେଠାରେ ଜଣେ IPS ଅଧିକାରୀଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରିବେ କି ?

----

## ଟ୍ରେଜେରୀରେ ଖାଲିଥିବା ପଦବୀ ପୂରଣ

***146 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଟ୍ରେଜେରୀମାନଙ୍କରେ ମଞ୍ଜୁରୀପ୍ରାପ୍ତ ଟ୍ରେଜେରୀ ଅଫିସର ଓ ଅନ୍ୟ ପଦବୀରୁ କେତେ ପଦବୀ ଖାଲି ଅଛି ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବାଙ୍ଗିରିପୋଷି CHC ଓ PHC ରେ ALS ଆମ୍ବୁଲାନ୍ସ ମୁତୟନ

***147 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ଜିଲ୍ଲାର କେଉଁ ଡାକ୍ତରଖାନାକୁ କେତେଗୋଟି ଆଡ଼ଭାନ୍ସ ଲାଇଫ ସୋପର୍ଟ (ALS) ଆମ୍ବୁଲାନ୍ସ ଯୋଗାଇ ଯୋଗାଇ ଦିଆଯାଇଛି ; ମୟୁରଭଞ୍ଜ ଜିଲ୍ଲାର କେଉଁ ହସ୍ପିଟାଲରେ ALS ଆମ୍ବୁଲାନ୍ସ କେଉଁ କାର୍ଯ୍ୟ ପାଇଁ ଗତ 5 ବର୍ଷ ମଧ୍ୟରେ ବ୍ୟବହାର ହୋଉଛି ତାହାର ତାଲିକା ଦେବା ସହ ବାଙ୍ଗିରିପୋଷି ଘାଟି ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ତେଣୁ ବାଙ୍ଗିରିପୋଷି CHC ରେ ଏକ ALS ଆମ୍ବୁଲାନ୍ସ ମୁତୟନ କରିବେକି ?

----

## RA Scheme ରେ କର୍ମଚାରୀ ନିଯୁକ୍ତି

***148 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ ସରକାରଙ୍କ rehabilitation scheme ରେ ଗତ 2024-25, 2025-26 ଆର୍ଥିକ ବର୍ଷରେ କେତେ ଜଣ ଓ କେଉଁ କେଉଁ ବିଭାଗରେ କର୍ମଚାରୀ ନିଯୁକ୍ତି ପାଇଛନ୍ତି ?

----

## ନୂତନ ଦମକଳ କେନ୍ଦ୍ର ସ୍ଥାପନ

***149 ଶ୍ରୀ ଶତ୍ରୁଘନ ଜେନା (କାମାକ୍ଷାନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- Jirat ଠାରେ ଏକ ଦମକଳ କେନ୍ଦ୍ର ଖୋଲିବା ପାଇଁ ପଦକ୍ଷେପ ନେବେ କି ?

----

## କେନ୍ଦ୍ର ସରକାରଠାରୁ ମିଳିଥିବା ଅନୁଦାନ

***150 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- 2021-2022 ଆର୍ଥିକ ବର୍ଷଠାରୁ ଅଦ୍ୟାବଧି କେନ୍ଦ୍ର ସରକାର କେଉଁ ବର୍ଷରେ କେଉଁ ବିଭାଗକୁ କେତେ ଟଙ୍କା ଅନୁଦାନ ଆକାରେ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିଲା, ସେଥିରୁ କେଉଁ ବର୍ଷ କେଉଁ ବିଭାଗକୁ କେତେ ଅନୁଦାନ ପ୍ରଦାନ କରାଯାଇଛି ତାର ଏକ ସାରଣୀ ପ୍ରଦାନ କରିବେ କି ?

----